# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**28 MAY– 2026**

# ମୁଖ୍ୟମନ୍ତ୍ରୀ-ବେଦାନ୍ତ ଗ୍ରୁପ୍

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟରେ ବେଦାନ୍ତର ୧ ଲକ୍ଷ କୋଟିରୁ ଅଧିକ ଟଙ୍କାର ନୂତନ ପ୍ରକଳ୍ପ ଗୁଡ଼ିକର ଅଗ୍ରଗତି ସମ୍ପର୍କରେ ବେଦାନ୍ତ ଗ୍ରୁପ୍‌ର ଅଧ୍ୟକ୍ଷ ଅନୀଲ ଅଗ୍ରୱାଲଙ୍କ ସହ ଆଲୋଚନା କରିଛନ୍ତି । ଭୁବନେଶ୍ୱର ଲୋକସେବା ଭବନରେ ଅନୁଷ୍ଠିତ ବୈଠକରେ ନିର୍ଦ୍ଧାରିତ ସମୟରେ ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟକାରୀତା ନେଇ ଶ୍ରୀ ମାଝୀ ଗୁରୁତ୍ୱାରୋପ କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଏହି ପୁଞ୍ଜିନିବେଶ ଯୁବପିଢ଼ୀଙ୍କ ପାଇଁ ବ୍ୟାପକ ସୁଯୋଗ ସୃଷ୍ଟିକରିବ । ପ୍ରକଳ୍ପ ଗୁଡ଼ିକ ସମ୍ପର୍କରେ ନିୟମିତ ଭାବରେ ସମୀକ୍ଷା କରାଯିବ । ୨୦୩୬ ସୁଦ୍ଧା ରାଜ୍ୟକୁ ୫୦୦ ବିଲିୟନ ଡଲାର ଅର୍ଥନୀତିରେ ପରିଣତ କରିବା ପାଇଁ ଏହା ସହାୟକ ହେବ । ବେଦାନ୍ତ ଗ୍ରୁପ୍‌ର ପ୍ରକଳ୍ପ ପ୍ରତିଷ୍ଠା ହେବାଦ୍ୱାରା ବିଶେଷକରି କେନ୍ଦ୍ରୀୟ ଓ ଦକ୍ଷିଣ ଓଡ଼ିଶାରେ ଆର୍ଥିକ କାର୍ଯ୍ୟକଳାପ ଓ ଭିତ୍ତିଭୂମିର ବିକାଶ ତ୍ୱରାନ୍ୱିତ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

# ବ୍ରିକ୍ସ-ବୈଠକ

ପୁରୀରେ ହେବାକୁ ଥିବା ବ୍ରିକ୍ସ ରାଷ୍ଟ୍ର ସମୂହର ବିପର୍ଯ୍ୟୟ ପ୍ରଶମନ କାର୍ଯ୍ୟକାରୀ ଦଳର ଦ୍ୱିତୀୟ ବୈଷୟିକ ବୈଠକର ଆୟୋଜନ ସମ୍ପର୍କରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସମୀକ୍ଷା କରିଛନ୍ତି । ବୈଠକରେ ମନ୍ତ୍ରୀ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ କରିବାକୁ

ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି । ପୁରୀରେ ଆସନ୍ତା ୩ରୁ ୫ ତାରିଖ ପର୍ଯ୍ୟନ୍ତ ଏହି ବୈଠକ ଆୟୋଜିତ ହେବ ।

## ଜାତୀୟ ରାଜପଥ ସମ୍ପ୍ରସାରଣ

ଭୁବନେଶ୍ୱରରୁ ପୁରୀକୁ ଦେଇ ଯାଉଥିବା ୩୧୬ ନମ୍ବର ଜାତୀୟ ରାଜପଥର ସମ୍ପ୍ରସାରଣ ନେଇ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଭାଗୀୟ ପ୍ରମୁଖ ଶାସନ ସଚିବ ସଞ୍ଜୟ ସିଂହ ସମ୍ପ୍ରସାରଣ ନେଇ ପ୍ରସ୍ତାବିତ ନକ୍ସା ଉପରେ ଆଲୋଚନା କରିଥିଲେ । ୬୭ କିଲୋମିଟର ବିଶିଷ୍ଟ ଏହି ଜାତୀୟ ରାଜପଥକୁ ୪ ଲେନ୍‌ରୁ ୬ ଲେନ୍ କରିବା ସହ ଉଭୟପଟରେ ସର୍ଭିସ୍ ଲେନ୍ ନିର୍ମାଣ କରିବା, ସପ୍ତସତୀ ଛକରୁ ଲିଙ୍ଗିପୁର ପର୍ଯ୍ୟନ୍ତ ୬ ଲେନ୍ ଏଲିଭେଟେଡ୍ କରିଡର, ଭିଡ଼ ପରିଚାଳନା ଏବଂ ଉଭୟ ସହର ମଧ୍ୟରେ ଯାତାୟତ ସମୟକୁ ହ୍ରାସ କରିବା ନେଇ ବୈଠକରେ ନିଷ୍ପତ୍ତି ହୋଇଥିଲା ।

## ପୁଲିସ ପଦବୀ ପୂରଣ

ରାଜ୍ୟ ପୁଲିସ ବିଭାଗରେ ଖାଲି ପଡିଥିବା ୭ହଜାର ୬୬୪ ପଦବୀ ପୂରଣ ପାଇଁ ଗୃହବିଭାଗ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି । ଏଥିଲାଗି ଓଡ଼ିଶା ୟୁନିଫର୍ମଡ ସର୍ଭିସେସ୍ ଷ୍ଟାଫ୍ ସିଲେକ୍ସନ କମିଶନକୁ ଗୃହ ବିଭାଗ ପକ୍ଷରୁ ପତ୍ର ଲେଖାଯାଇଛି ।

## ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା

ମଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଚଳିତବର୍ଷର ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା ଆସନ୍ତା ଜୁଲାଇ ୨ ତାରିଖରୁ ୧୦ତାରିଖ ପର୍ଯ୍ୟନ୍ତ

ଅନୁଷ୍ଠିତ ହେବ । ସେହିଭଳି ଉଭୟ ରେଗୁଲାର ଓ ଏକ୍ସ-ରେଗୁଲାର ପରୀକ୍ଷାର୍ଥୀଙ୍କ ପାଇଁ ଗୋଟିଏ କାର୍ଯ୍ୟସୂଚୀ ଓ ସମାନ ପ୍ରଶ୍ନପତ୍ର କରାଯାଇଥିବା ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି ।

## ଅନ୍‌ଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷା

ଭାରତୀୟ ସେନାରେ ନିଯୁକ୍ତି ପାଇଁ ଆସନ୍ତା ୧ ତାରିଖରୁ ୧୨ ତାରିଖ ପର୍ଯ୍ୟନ୍ତ ଅନ୍‌ଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ । ରାଜ୍ୟର ୧୭ଟି ସହରରେ ଥିବା ୨୬ଟି କେନ୍ଦ୍ରରେ ପରୀକ୍ଷା ହେବ । ଏଥିପାଇଁ ପ୍ରାର୍ଥୀମାନେ ଭାରତୀୟ ସେନାର ୱେବ୍‌ସାଇଟ୍‌ରୁ ପ୍ରବେଶପତ୍ର ଡାଉନ୍‌ଲୋଡ୍ କରିପାରିବେ ।

## ଏସ୍‌ଆଇଆର୍

ନୂଆପଡା ଜିଲ୍ଲାର ୭୧ ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସ୍ୱତନ୍ତ୍ର ସଘନ ସଂଶୋଧନ-ଏସ୍‌ଆଇଆର ପ୍ରକ୍ରିୟାରେ ବୁଥ୍‌ସ୍ତରୀୟ ଅଧିକାରୀମାଙ୍କ ପାଇଁ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

ଯାଜପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାରେ ଏସ୍‌ଆଇଆର ସମ୍ପର୍କିତ ତାଲିମ କାର୍ଯ୍ୟକ୍ରମରେ ଗଣନା ଫର୍ମ ବଣ୍ଟନ, ସଂଗ୍ରହ ପ୍ରକ୍ରିୟା, ଫର୍ମ ପୂରଣ ପଦ୍ଧତି ଏବଂ ଘରକୁଘର ବୁଲି ସର୍ଭେ କାର୍ଯ୍ୟ କରିବା ଉପରେ ପ୍ରଶିକ୍ଷାର୍ଥୀମାନଙ୍କୁ ବିସ୍ତୃତ ଭବେ ସୂଚନା ପ୍ରଦାନ କରାଯାଇଥିଲା ।

## ସଡ଼କ ସୁରକ୍ଷା – ବୈଠକ

ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ସଡ଼କ ସୁରକ୍ଷା ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ରାଜପଥ ଗୁଡ଼ିକରେ ଟାସ୍କଫୋର୍ସ ଗଠନ କରିବା ସହିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ରାସ୍ତାର ଉଭୟ ପାର୍ଶ୍ୱରେ ଜବରଦଖଲ ହଟାଇବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଏହାଦ୍ୱାରା ଦୁର୍ଘଟଣା ହ୍ରାସ ସହିତ ଟ୍ରାଫିକ ସମସ୍ୟାର ସମାଧାନ ହୋଇପାରିବ ବୋଲି ବୈଠକରେ ଆଲୋଚନା ହୋଇଥିଲା ।

---

## ଅମୃତ କାଳ ସମାରୋହ

ନବରଙ୍ଗପୁରଠାରେ ଅମୃତ କାଳ ସାଂସ୍କୃତିକ ସମାରୋହ ଆୟୋଜିତ ହୋଇଛି । ଜିଲ୍ଲାପାଳ ଗଣେଶ୍ୱର ସ୍ୱାଇଁ ଉଦ୍‌ଘାଟନୀ ସମାରୋହରେ ଅମୃତକାଳ ସାଂସ୍କୃତିକ ସମାରୋହରେ ନବରଙ୍ଗପୁରର ସାଂସ୍କୃତିକ ବିଭବ ପ୍ରଦର୍ଶନ ସହିତ କଳାକାର ମାନଙ୍କ ସହଯୋଗରେ ଜିଲ୍ଲାର ଲୋକନୃତ୍ୟ, ଲୋକବାଦ୍ୟ ଓ ସଂଗୀତ ବିଶେଷ ଭାବରେ ଋଦ୍ଧିମନ୍ତ ହୋଇପାରିଛି ବୋଲି ମତବ୍ୟକ୍ତ କରିଥିଲେ ।

---

## ଇଦ୍-ଉଜ୍-ଜୁହା

ମୁସଲମାନ ସମ୍ପ୍ରଦାୟର ଧାର୍ମିକ ପର୍ବ ଇଦ୍-ଉଜ୍-ଜୁହା ଆଜି ପାଳନ କରାଯାଉଛି । ଏହି ଅବସରରେ ବିଭିନ୍ନ ଇଦଗାହ ଓ ମସ୍‌ଜିଦ୍‌ରେ ସମୂହ ନମାଜପାଠର ଆୟୋଜନ କରାଯାଇଛି ।

ଇଦ୍-ଉଜ୍-ଜୁହା ଉପଲକ୍ଷେ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀ ମାନଙ୍କୁ ରାଜ୍ୟପାଳ ହରିବାବୁ କମ୍ଭମପାଟି ଶୁଭେଚ୍ଛା ଜଣାଇଛନ୍ତି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଏହି ଉପଲକ୍ଷେ ଶୁଭେଚ୍ଛା ଜଣାଇବା ସହ ସମସ୍ତଙ୍କର ସୁଖ, ସମୃଦ୍ଧି କାମନା କରିଛନ୍ତି ।

## ମହିଳା ହକି ପ୍ରତିଯୋଗିତା

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ସର୍ବଭାରତୀୟ ମହିଳା ହକି ପ୍ରତିଯୋଗିତା ଦ୍ୱିତୀୟ ମାଇକେଲ କିଣ୍ଡୋ ମେମୋରିଆଲ ଟ୍ରଫି ଅନୁଷ୍ଠିତ ହୋଇଯାଇଛି । ଫାଇନାଲରେ ଦକ୍ଷିଣ-ପୂର୍ବ ରେଳପଥ ୩-୧ଗୋଲରେ ସାଇ କୋଲକାତାକୁ ପରାସ୍ତ କରିଥିଲା ।

## ପାଣିପାଗ

ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଛି । ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨ ଦିନ ପର୍ଯ୍ୟନ୍ତ ଗରମ ଓ ଗୁଳଗୁଳି ଜାରି ରହିବ । ପରବର୍ତ୍ତୀ ସମୟରେ ବର୍ଷାର ପ୍ରଭାବରେ ତାପମାତ୍ରା ୩ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇବାର ସମ୍ଭାବନା ରହିଛି । ଗତକାଲି ୧୭ଟି ସହରର ତାପମାତ୍ରା ୪୦ଡିଗ୍ରୀ ଉପରେ ରହିଥିଲା । ସମ୍ବଲପୁରର ସର୍ବାଧିକ ତାପମାତ୍ରା ୪୨ ଦଶମିକ ୨ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିଲା ।